# ପୌର ପରିଷଦ କାର୍ଯ୍ୟାଳୟ : ଭବାନୀପାଟଣା

## OFFICE OF MUNICIPAL COUNCIL : BHAWANIPATNA

At/Po- Bhawanipatna Dist- Kalahandi,Pin-766001 Odisha Phone No- (06670) 230424 Maileobptm@yahoo.com

No. 3448 /BPM. Dt. 3.12.2025

## ବିଜ୍ଞାପନ

ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଉପଖଣ୍ଡ ଭବାନୀପାଟଣା ଙ୍କ ପତ୍ର ସଂଖ୍ୟା ୨୯୧୯ , ତା; ୨୩ / ୦୯ /୨୦୨୫ ଅନୁଯାୟୀ ପାଞ୍ଚ ଗୋଟି ( ୦୫ ) " ଜଳସାଥୀ" ଚୟନ ସକାଶେ ଭବାନୀପାଟଣା ପୌରପରିଷଦ ତରଫରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି। ଏଥି ନିମନ୍ତେ ଭବାନୀପାଟଣା ପୌରପରିଷଦ ଅନ୍ତର୍ଗତ ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଓ ଆଞ୍ଚଳିକ ସ୍ତରୀୟ ମହିଳା ମହାସଂଘ ଗୁଡ଼ିକୁ ଜଣାଇ ଦିଆଯାଉଅଛି କି ମିଶନ ଶକ୍ତି ଗୋଷ୍ଠୀ ର ଯେ କୌଣସି ସଦସ୍ୟା ଏହି ପ୍ରକ୍ରିୟା ରେ ଭାଗ ନେବା ପାଇ ଚାହୁଁଛନ୍ତି ସେ ଏହି ପ୍ରକ୍ରିୟା ରେ ଭାଗ ନେବା ସମ୍ବନ୍ଧୀୟ ମିଶନ ଶକ୍ତି ଗୋଷ୍ଠୀ ତରଫରୁ ଆବେଦନକାରୀ ସଦସ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବୀବରଣୀ ର ନକଲ , ପରିଶିଷ୍ଟ " କ " ରେ ପ୍ରଦାନ କରାଯାଇଥିବା " Basic Information of MSG With Acknowledgement From Bank " ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବେଜ ସହ ତା ୧୫ / ୧୨ / ୨୦୨୫ ରିଖ ଅପରାହ୍ନ ୫ ଟା ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ କିମ୍ବା ପୌରପରିଷଦ ର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସରେ ସିଧାସଳଖ ଭାବରେ ଜଳସାଥୀ ଚୟନ ନିମନ୍ତେ ଆବେଦନ ପତ୍ର ମୁଦ ଲଫାପାରେ ଦାଖଲ କରନ୍ତୁ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା ୧୭.୧୨.୨୦୨୫ ରିଖ ୧୧.00 ଘଟିକା ସମୟରେ ପୌରପରିଷଦ ସ୍ତରୀୟ ଚୟନ କମିଟି ବୈଠକ ରେ ନିମ୍ନ ସ୍ୱାକ୍ଷ୍ୟରକାରୀଙ୍କ କାର୍ଯ୍ୟାଳୟ ର ସଭାଗୃହ ଠାରେ ଆବେଦନ ପତ୍ର ଗୁଡିକୁ ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସ ରୁ ଖୋଲାଯିବା ସହ ଯାଞ୍ଚ କରାଯିବ। , ପରିଶିଷ୍ଟ " ଖ " ରେ ଦିଆଯାଇଥିବା Assessment Index ଅନୁସାରେ ମାର୍କ ଆଧାର ରେ ଚୟନ କରାଯିବ। ଜଳସାଥୀ ଭାବେ ନିଯୁକ୍ତି ପାଇଁ କରାଯାଉଥିବା ମୂଲ୍ୟାୟନ ପ୍ରକ୍ରିୟାରେ, ମିଶନ ଶକ୍ତି ଗୋଷ୍ଠୀ ର ଆବେଦନକାରୀ ସଦସ୍ୟା ୩୦ % ରୁ କମ୍ ମାର୍କ ପାଇଲେ, ସେହି ସଦସ୍ୟା ଚୟନ ପ୍ରକ୍ରିୟା ରେ ଭାଗ ନେଇ ପାରିବେ ନାହିଁ ଏବଂ ଯଦି ଏକାଧିକ Mission Shakti Group ଆବେଦନକାରୀ ସଦସ୍ୟା ସମାନ ମାର୍କ ଅର୍ଜନ କରନ୍ତି, ତେବେ ଜଳସାଥୀ ଭାବେ ଅନ୍ତିମ ଚୟନ ଲଟେରୀ ପ୍ରକ୍ରିୟା ମାଧ୍ୟମରେ କରାଯିବ। ଲଫାପା ଉପରେ " ଜଳସାଥୀ ନିମନ୍ତେ ଆବେଦନ ପତ୍ର "ଲେଖାଥିବା ଆବଶ୍ୟକ।

ଦରକାରୀ ଦସ୍ତାବେଜ :

୧ ) ମିଶନ ଶକ୍ତି ଗୋଷ୍ଠୀ ସଭାନେତ୍ରୀ ଙ୍କ ଆଧାର କାର୍ଡ ର ନକଲ
୨ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ PAN କାର୍ଡ ର ନକଲ
୩ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ ରେଜିଷ୍ଟ୍ରେସନ କପି ନକଲ
୪ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ ବ୍ୟାଙ୍କ ଖାତା ର ପ୍ରଥମ ପୃଷ୍ଠା ଏବଂ ଶେଷ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ
୫ ) ମିଶନ ଶକ୍ତି ଗୋଷ୍ଠୀ ଙ୍କ ରିଜୋଲ୍ୟୁସନ ଖାତା ର ପ୍ରଥମ ପୃଷ୍ଠା ଓ ଶେଷ ୬ ମାସ ର ନକଲ
୬ ) ଆବେଦନକାରୀ ସଦସ୍ୟା ଙ୍କ ଆଧାର କାର୍ଡ ର ନକଲ
୭ ) ଆବେଦନକାରୀ ସଦସ୍ୟା ଙ୍କ ଶିକ୍ଷାଗତ ଯୋଗ୍ୟତା ର ସମସ୍ତ ନକଲ

କାର୍ଯ୍ୟ ନିର୍ବାହୀ ଅଧିକାରୀ 03/12/25
ଭବାନୀପାଟଣା ପୌରପରିଷଦ

ପରିପତ୍ର ସଂଖ୍ୟା : ୩୮୪୯ ତାରିଖ : ୩.୧୨.୨୦୨୫
ଏହାର ଏକକିତା ନକଲ ଭବାନୀପାଟଣା ପୌରପରିଷଦ ର ଅଧକ୍ଷା ଏବଂ ଭବାନୀପାଟଣା ପୌରପରିଷଦ ର ସମସ୍ତ କାଉନସିଲର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପରିଷଦ

ପରିପତ୍ର ସଂଖ୍ୟା : ୩୮୫୦ ତାରିଖ : ୩.୧୨.୨୦୨୫
ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ଭବାନୀପାଟଣା / ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ ଭବାନୀପାଟଣା ଉପଖଣ୍ଡ / ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭବାନୀପାଟଣା / ତହସିଲଦାର ଭବାନୀପାଟଣା ଙ୍କ ଅବଗତି ଓ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ଲଟକା ଜାରି କରିବା ନିମନ୍ତେ ପ୍ରେରଣ କରାଗଲା।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପରିଷଦ

ପରିପତ୍ର ସଂଖ୍ୟା : ୩୮୫୧ ତାରିଖ : ୩.୧୨.୨୦୨୫
ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, Dist Mission Manager , Community Organizer ଭବାନୀପାଟଣା ପୌରପରିଷଦ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପରିଷଦ

ପରିପତ୍ର ସଂଖ୍ୟା : ୩୮୫୨ ତାରିଖ : ୩.୧୨.୨୦୨୫
ଏହାର ଏକକିତା ନକଲ DeGM , Collectorate , ଭବାନୀପାଟଣା ଙ୍କୁ Website ରେ Upload କରିବା ନିମନ୍ତେ ପ୍ରେରଣ କରାଗଲା।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପରିଷଦ

ପରିପତ୍ର ସଂଖ୍ୟା : ୩୮୫୩ ତାରିଖ : ୩.୧୨.୨୦୨୫
ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା କଳାହାଣ୍ଡି ଏବଂ ଜିଲ୍ଲାପାଳ କଳାହାଣ୍ଡି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

କାର୍ଯ୍ୟ ନିର୍ବାହୀ ଅଧିକାରୀ
ଭବାନୀପାଟଣା ପୌରପରିଷଦ

## ଜଳସାଥୀ ଚୟନ ନିମନ୍ତେ ଆବଶ୍ୟକ ଯୋଗ୍ୟତା :

୧ ) ଆବେଦନକାରୀ ସଦସ୍ୟା ଙ୍କ ବୟସ ୧୮ ରୁ ୪୫ ବର୍ଷ ହୋଇଥିବା ଆବଶ୍ୟକ
୨ ) ଆବେଦନକାରୀ ସଦସ୍ୟା ଦୁଇବର୍ଷ ଧରି ସକ୍ରିୟ ସଦସ୍ୟା ଭାବରେ ମିଶନ ଶକ୍ତି ଗୋଷ୍ଠୀ ରେ କାମ କରିଥିବେ।
୩ ) ଆବେଦନକାରୀ ସଦସ୍ୟା ଙ୍କ ନାମରେ ପାସ ବୁକ୍ ସହିତ ଡେବିଟ କାର୍ଡ ( ATM ) ଥିବା ଆବଶ୍ୟକ।
୪ ) ଆବେଦନକାରୀ ସଦସ୍ୟା ନ୍ୟୁନତମ ଦଶମ ଶ୍ରେଣୀ ( ଶିକ୍ଷାଗତ ଯୋଗ୍ୟତା ) ପାସ କରିଥିବା ଆବଶ୍ୟକ।
୫ ) ଆବେଦନକାରୀ ସଦସ୍ୟା କୌଣସି ଅପରାଧିକ ମାମଲା ବା ରାଜନୈତିକ ସଂପୃକ୍ତି ନଥିବ।
୬ ) ଆବେଦନକାରୀ ସଦସ୍ୟା ଙ୍କ ବ୍ୟକ୍ତିଗତ ସ୍ମାର୍ଟ ଫୋନ ଥିବା ଆବଶ୍ୟକ।
୭ ) ଆବେଦନକାରୀ ସଦସ୍ୟା କୌଣସି ସରକାରୀ ଯୋଜନା ରେ କାର୍ଯ୍ୟ କରୁନଥିବେ ( ଯଥା - ସ୍ୱଚ୍ଛ ଭାରତ ମିଶନ )

## ସର୍ତ୍ତାବଳୀ :

ଏତଦ୍ୱାରା ଭବାନୀପାଟଣା ପୌରପରିଷଦ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଙ୍କୁ ଅବଗତ କରାଇ ଦିଆଯାଉଅଛି ଯେ ଜଳସାଥୀ ପଦବୀ ଟି ସଂପୂର୍ଣ୍ଣ ଭାବରେ ଚୁକ୍ତି ଭିତ୍ତିକ ନିଯୁକ୍ତି ଅଟେ। ଜନସ୍ୱାସ୍ଥ୍ୟ ବିଭାଗ, ଭବାନୀପାଟଣା ଦ୍ୱାରା ଭବାନୀପାଟଣା ସହରର ପ୍ରତ୍ୟେକ ପରିବାରକୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳ ବାବଦ କୁ ସରକାର ଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରାଶି କୁ ଅସୁଲ କରିବା , ମାସିକ ଜଳ ପରୀକ୍ଷା, ନୂତନ ପାନୀୟ ଜଳ ସଂଯୋଗ ସକାଶେ ପାଞ୍ଚ ଗୋଟି ( ୦୫ ) ଜଳସାଥୀ ଭବାନୀପାଟଣା ପୌରପରିଷଦ ପାଇଁ ଆବଶ୍ୟକତା ଥିବା ଦୃଷ୍ଟିରୁ ଏବଂ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ଉପଖଣ୍ଡ ଭବାନୀପାଟଣା ଙ୍କ ପତ୍ର ସଂଖ୍ୟା ୨୯୧୯ , ତା; ୨୩ / ୦୯ /୨୦୨୫ ଅନୁଯାୟୀ ପାଞ୍ଚ ଗୋଟି ଜଳସାଥୀ ଚୟନ କରିବା ପାଇଁ ନିଷ୍ପତ୍ତି ନିଆଯାଇଅଛି। ଜଳସାଥୀ ମାନେ ଚୟନ ହେଲାପରେ ସଂପୂର୍ଣ୍ଣ ଭାବରେ ଜନସ୍ୱାସ୍ଥ୍ୟ ବିଭାଗ, ଭବାନୀପାଟଣା ଦ୍ୱାରା ପରିଚାଳିତ ହେବେ ଏବଂ ନିର୍ଦ୍ଦେଶ, ଉପଦେଶ, ନୀତି ଏବଂ ନିୟମ ଅନୁଯାୟୀ କାର୍ଯ୍ୟ କରିବେ। ଏହି ପଦବୀ ନିମନ୍ତେ ବିଜ୍ଞାପନ ରେ ଦିଆଯାଇଥିବା ଯୋଗ୍ୟତା, ଆବଶ୍ୟକୀୟ ଦସ୍ତାବେଜ ସହିତ MPOS Machine ପାଇବା ପାଇଁ ଏହାର Security Deposit ବାବଦକୁ ଟ. ୧୦,୦୦୦ /- ( ଦଶ ହଜାର ଟଙ୍କା ) ( ଫେରସ୍ତ ଯୋଗ୍ୟ ) ହିସାବରେ ଜନସ୍ୱାସ୍ଥ୍ୟ ବିଭାଗ ରେ ଥିବା ଅଧିକାରୀ ଙ୍କ ନାମରେ deposit କରିବା ପାଇଁ ସମର୍ଥ ରହିଥିବା ଆବଶ୍ୟକ। ପରବର୍ତ୍ତୀ ସମୟରେ ଜଳସାଥୀ ମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ଭବାନୀପାଟଣା ଦ୍ୱାରା ଅନୁଷ୍ଠାନିକ ଭବାରେ ନିଯୁକ୍ତି ପତ୍ର ଦେବା ସହିତ ଚୁକ୍ତି କରିବା ସଙ୍ଗେ ସଙ୍ଗେ ତାଲିମ ଦେବା ସହିତ ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ।

## ସରକାର ଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି :

୧ ) ଜଳସାଥୀ ମାଧମରେ ଘରୋଇ ( ଏକ ଗୋଟି ଘର ) ନୂତନ ଜଳ ସଂଯୋଗ କରିବା ପାଇଁ ଟ. ୧୦୦ /- ଏବଂ ବ୍ୟବସାୟ ବା ବାଣିଜ୍ୟ ସମ୍ବନ୍ଧୀୟ ବ୍ୟବହୃତ ହେଉଥିବା ଗୋଟିଏ ଘର ପାଇଁ ନୂତନ ଜଳ ସଂଯୋଗ ବାବଦ କୁ ଟ. ୨୦୦ /- ଯୋଗାଇ ଦେବା ପାଇଁ ସ୍ଥିର କରାଯାଇଅଛି।

୨ ) ପ୍ରତ୍ୟେକ ମାସରେ ଜଳସାଥୀ ଦ୍ୱାରା ଆଦାୟ କରାଯାଇଥିବା ମୋଟ ରାଶି ର ୭.୫ % ପ୍ରତିଶତ ଜଳସାଥୀ ମାନଙ୍କୁ ପ୍ରଦାନ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଅଛି ଯାହାକି ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଦାନ କରାଯିବ।

୩ ) ପ୍ରତ୍ୟେକ ମାସରେ ଗୋଟିଏ ଜଳସାଥୀ ଙ୍କ ଦ୍ୱାରା ଅତି କମରେ ୧୦୦ ଥର ଜଳର ମାତ୍ରା ବା ମାନ ଓ ଗୁଣ ପରୀକ୍ଷା କରାଯିବ ଏବଂ ଗୋଟିଏ ପରୀକ୍ଷା ବାବଦ କୁ ଜଳସାଥୀମାନଙ୍କୁ ଟ. ୧୦/- ହିସାବରେ ପ୍ରଦାନ କରାଯିବ।

ପରିଶିଷ୍ଟ " କ "

## Basic Information of MSG with Acknowledgement from Bank

1. Name of The SHG –
2. SHG Address –
3. Date of SHG Formation – SHG Code -
4. Total Numbers of Members in SHG –
5. Present Livelihood Activities Undertaking –
6. Bank and Branch Name –
7. Bank Account Number – IFSC Code –
8. Contact Number of SHG –
9. Funds Available in the Savings Bank Account –
   a. Regular Savings ( Yes / No ) -
   b. Amount of Savings -
   c. Loan Taken from Bank ( Yes / No ) - .................. ( If Yes , Loan Amount - .................. )
   d. Mode of Loan Repayment ( Regular / Irregular ) –
   e. Meeting Register Maintained ( Yes / No ) –

Seal & Signature of The SHG President

Date :

Seal & Signature of The SHG Secretary

Date :

## Acknowledgement from Bank

This is to Certify that the ................................................................ ...... Mission Shakti Group of Bhawanipatna Municipality , Ward No ............................. , Account Number .................................................................... is having Regular Repayment of Loan / Non Performing Asset / Not Availed any Loan.

Seal & Signature of The Bank Manager / Authorised Signatory

Date :

ପରିଶିଷ୍ଟ " ଖ "

## ASSESSMENT INDEX

| Sl No | Assesment Parameter | Marks | Means of Verification | Remarks |
|---|---|---|---|---|
| 1 | Adherence to standard Practices of Group (Pancha Sutra) | 20 | Register & Bank Pass book of Mission Shakti Group | Regular Meeting – 4<br>Regular Saving – 4<br>Regular Internal lending –4<br>Regular Repayment – 4<br>Regular Record keeping – 4 |
| 2 | No. of Active members | 10 | Register & Bank Pass book of Mission Shakti Group | 10 Active members = 10<br>7 to 9 Active members = 8<br>4 to 7 Active members = 6<br>Less than 4 Active member = 0 |
| 3 | Educational Qualification | 30 | document verification | 10 th Class = 10<br>Above $10^{th}$ Class / +2 = 15 |
| 4 | Operate Anroid Mobile | 20 | verification | |
| 5 | Interview | 20 | | |
| | Total Marks | 100 | | |

# ଭବାନୀପାଟଣା ପୌରପରିଷଦ, ଭବାନୀପାଟଣା

## ଜଳସାଥୀ ପଦବୀ ନିମନ୍ତେ ଆବେଦନ ଫର୍ମ

| | | |
|---|---|---|
| ୧) | ସଭ୍ୟା ଙ୍କ ନାମ | |
| ୨) | ସଭ୍ୟା ବାସ କରୁଥିବା ଅଞ୍ଚଳର ସମ୍ପୂର୍ଣ୍ଣ ଠିକଣା | |
| ୩) | ସଭ୍ୟାଙ୍କର ବୟସ | |
| ୪) | ନୂତନ ୱାର୍ଡ ସଂଖ୍ୟା | |
| ୫) | ସ୍ୱୟଂ ସହାୟକ ଗୋଷ୍ଠୀ ର ନାମ | |
| ୬) | ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି? | |
| ୭) | ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୮) | ସଭ୍ୟାଙ୍କର ମୋବାଇଲ ନମ୍ବର | |

**ସଙ୍କଳ୍ପନାମା:** ମୁଁ କୁମାରୀ/ଶ୍ରୀମତୀ ______________________________ ବାପା/ସ୍ୱାମୀଙ୍କ ନାମ______________________________, ଘୋଷଣା କରୁଅଛିକି, ମୋର ନିଜର ସ୍ମାର୍ଟ ଫୋନ ଅଛି, ମୁଁ ବର୍ତ୍ତମାନ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁନାହିଁ ଓ ମୋ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ ସମ୍ପୃକ୍ତି ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମୁଁ ପ୍ରସ୍ତୁତ ଅଛି ।

ଆବେଦନକାରୀ ସଭ୍ୟାଙ୍କର ସ୍ୱାକ୍ଷର

**ସଂଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ:**

1) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ସାର୍ଟିଫିକେଟ ଓ ମାର୍କ ସିଟ ଉଭୟର ନକଲ)
୨) ଜନ୍ମ ତାରିଖର ପ୍ରମାଣ ପତ୍ର ର ନକଲ (ଆଧାର କାର୍ଡ)
୩) ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ବିବରଣୀ)
୪) ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଭ୍ୟାଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀର ନକଲ
୫) ବ୍ୟକ୍ତିଗତ ବ୍ୟାଙ୍କ ପାସ ବୁକ ର ନକଲ
୬) ପାସପୋର୍ଟ ଫୋଟୋ - ୧ ଟି

ସଭାନେତ୍ରୀଙ୍କ ଦସ୍ତଖତ ଓ ମୋହର

ସମ୍ପାଦିକାଙ୍କ ଦସ୍ତଖତ ଓ ମୋହର